**ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ**

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ଜିଲା ଗୋବିନ୍ଦପାଲିସ୍ଥିତ ମାଥିଲି ବନାଞ୍ଚଳ କାର୍ଯ୍ୟାଳୟ ସଭାଗୃହ ପରିସରରେ ଶନିବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ-୨୦୨୧ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଅଧକ୍ଷତା କରିଥିଲେ। ପ୍ରାକୃତିକ ଦୁର୍ବିପାକ କାହିଁକି ହେଉଛି, ଏଥିଯୋଗୁ ଜନସାଧାରଣ, ଜୀବଜନ୍ତୁ, ଧନସମ୍ପତ୍ତିର ନଷ୍ଟ ହେଉଛି। ଏହାର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ନାୟକ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସୃଷ୍ଟି ଅନୁଷ୍ଠାନର ସଂଯୋଜକ କିଶୋର କୁମାର ଯୋଗଦେଇ ପ୍ରାକୃତିକ ଦୁର୍ବିପାକର ମୁକାବିଲା ନେଇ ମତ ରଖିଥିଲେ। ଏହି ଅବସରରେ ଗୋବିନ୍ଦପାଲି ବନପାଳ ବୃକ୍ଷରୋପଣ, ଜଳବାୟୁ ପରିବର୍ତ୍ତନ, ପରିବେଶ ସନ୍ତୁଳନ, ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲରେ ନିଆଁ ନ ଲଗାଇବା ନେଇ ଲୋକଙ୍କୁ ସଚେତନ କରିଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ

ଜୟପୁର ୩୦।୧୦ (ନି.ପ୍ର.)-ଜୟପୁର ସହରର କାପୁସାହିରେ ଜୁଆ ଆଡ୍ଡା ଚାଲୁଥିବା ସୂଚନା ପାଇ ଟାଉନ ଥାନା ଶୁକ୍ରବାର ରାତିରେ ଚଢ଼ାଉ କରି ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଥିଲା। ଏଥିସହ ଜୁଆ ଆଡ୍ଡାରୁ ୫ ହଜାର ୩ ଶହ ଟଙ୍କା ଜବତ ହୋଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ଧନ୍ୱନ୍ତରି ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର ୩୦।୧୦(ନି.ପ୍ର.)-ଜୟପୁର ଦୈନିକ ବଜାରସ୍ଥିତ ଶ୍ରୀନିବାସ ଆୟୁର୍ବେଦ ଭବନ ପରିସରରେ ଆଦି ବୈଦ୍ୟ ଧନ୍ୱନ୍ତରି ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ତାରିଖରେ ସ୍ଥାନୀୟ ଗୀତା ଭବନଠାରେ ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଏହା ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଭାପତି ସୁଦର୍ଶନ ଗୌଡ଼, କବିରାଜ କ୍ଷେତ୍ରବାସୀ ପଣ୍ଡା, ଭବାନୀ ଚରଣ ଆଚାର୍ଯ୍ୟ, ସୂର୍ଯ୍ୟନାରାୟଣ ମିଶ୍ର, ଅଶୋକ ପାତ୍ର, ସତ୍ୟନାରାୟଣ ପରିଚ୍ଛା ଉପସ୍ଥିତ ଥିଲେ। କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ମସ୍ତିଷ୍କ ଘାତ ଦିବସ



ମାଲକାନଗିରି,୩୦।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ବିଶ୍ୱ ମସ୍ତିଷ୍କ ଘାତ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ଅଧକ୍ଷତା କରିଥିଲେ। ସାରା ବିଶ୍ୱରେ ଅନେକ ନାଗରିକ ମାନସିକ ଚାପରେ ପଡି ରହି ମସ୍ତିଷ୍କଘାତ ରୋଗର ଶିକାର ହେଉଛନ୍ତି। ଏପରି ରୋଗୀଙ୍କ ମାନସିକ ଚିକିତ୍ସା ସହ ଗୁରୁତର ରୋଗୀଙ୍କୁ ଯେପରି ଉତ୍ତମ ଚିକିତ୍ସା ମିଳିପାରିବ ସେଥିପାଇଁ ପରିବାର ଓ ସମାଜକୁ ସଚେତନ ହେବାର ଆବଶ୍ୟକତା ରହିଛି। ଆଗାମୀ ପିଢ଼ି ଯେପରି ମାନସିକ ଚାପ ମୁକ୍ତ ହେବା ସହ ଏହି ରୋଗର ଶିକାର ନ ହେବେ ସେଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ନନ୍ଦ ପ୍ରକାଶ କରିଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଶିବ ପ୍ରସାଦ ମହାରଣା, ଡ. ସନ୍ଧ୍ୟାରାଣୀ ପଟ୍ଟନାଏକ, ଡିପିଏମ ବନ ବିହାରୀ ମିଶ୍ର, ଫିଜିଓ ଥେରାପିଷ୍ଟ ସୌରଭ ସାହୁ ଯୋଗଦେଇ ମସ୍ତିଷ୍କ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ ଜେନା, ଚିତ୍ତରଞ୍ଜନ ସେଠୀଙ୍କ ସହ ମେଡିକାଲ କର୍ମଚାରୀ, ଉପସ୍ଥିତ ଥିଲେ।

### କନିଷ୍ଠ ଶିକ୍ଷକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କାଳିମେଳା/ବୋରିଗୁମ୍ମା,୩୦।୨ (ଡି.ଏନ.ଏ.)-ମାଲକାନଗିରି ଜିଲା କାଳିମେଳା ଗୋଷ୍ଠୀ ଶିକ୍ଷା ଅଧୀନରେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକମାନେ ନିଜ ସମସ୍ୟା ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ରମେଶ ବାରୋଇଙ୍କୁ ଦାବିପତ୍ର ଦେଇଛନ୍ତି। ୨୦୧୬ରୁ ଅଦ୍ୟାବଧି କାର୍ଯ୍ୟ କରି ଆସୁଥିବା କନିଷ୍ଠ ଶିକ୍ଷକଙ୍କ ସମେତ କର୍ମଚାରୀ ପ୍ରାରମ୍ଭିକ ନିଯୁକ୍ତିକୁ ଆଉ ଠିକା କର୍ମଚାରୀ ରୂପେ ପରିଗଣିତ କରାଯିବ ନାହିଁ ବୋଲି ସରକାର ଗତ ୧୧।୧୦।୨୦୨୧ରେ ଘୋଷଣା କରିବା ସହ ସେମାନଙ୍କ ଦରମା ବୃଦ୍ଧି ଘୋଷଣା କରିଥିଲେ। ମାତ୍ର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରାଥମିକ କନିଷ୍ଠ ଶିକ୍ଷକଙ୍କୁ ବିଭାଗ ଚଞ୍ଚକତା କରି ଏଥିରୁ ବାଦ ଦେଇଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି କନିଷ୍ଠ ଶିକ୍ଷକମାନଙ୍କୁ ନ୍ୟାୟ ଦେବାପାଇଁ ଶିକ୍ଷକମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଂଘର ପୂର୍ବତନ ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି କେ. ପୂର୍ଣ୍ଣଚନ୍ଦ୍ର ପାତ୍ର, ବିଷ୍ଣୁରଞ୍ଜନ ସରକାର, ସନାତନ ନାୟକ, ଦୋଳଗୋବିନ୍ଦ ବିଶ୍ୱାଳ, ହରିଶ ଚନ୍ଦ୍ର କର, କନିଷ୍ଠ ଶିକ୍ଷକ ସଂଘର ସଭାପତି କୈଳାସ ଚନ୍ଦ୍ର ଦେହୁରି,ସମ୍ପାଦକ ଜିତେନ୍ଦ୍ର ଜେନା,ସଙ୍ଗୀତା ବେହେରା, ସୁନିତା ସେଠୀ ଉପସ୍ଥିତ ଥିଲେ। ସେହିପରି କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ମଧ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ମଳୟ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ଖଣ୍ଡାଓ ବିଡ଼ିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି। ସଂଘର ଦାବି ପତ୍ରକୁ ଉପରିସ୍ତ ଅଧିକାରୀଙ୍କ ନିକଟକୁ ପଠାଇବେ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଣ୍ଡା କହିଛନ୍ତି।

# ଉଜୁଡ଼ା ଫସଲ ନେଇ ଚିନ୍ତାରେ ଚାଷୀ

ଏମ୍‌ଭି ୭୯,୩୦।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକର କେତେକ ଅଞ୍ଚଳରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଫସଲ ଉଜୁଡ଼ିଯାଇଛି। ଧାନ ଅଗାଡ଼ିରେ ପରିଣତ ହୋଇଛି। ଧାନ ଭିତରେ ଚାଉଳ ନ ଥିବା ଜଣାପଡ଼ିଛି। ଏଭଳି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି ବ୍ଲକର ଭୁବନପାଲି ପଞ୍ଚାୟତର ଏମ୍‌ଭି-୧୨୭ ଗ୍ରାମରେ।



ଉଜୁଡ଼ିଯାଇଥିବା ଧାନଗଛକୁ ଦେଖାଉଛନ୍ତି ଚାଷୀ।

ଚାଷର ଏପରି ଅବସ୍ଥା ନେଇ ଚାଷୀ କିପରି ଋଣ ଶୁଝିବେ ଏବଂ ବର୍ଷସାରା ପରିବାର ଚଳାଇବେ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଚାଷୀ ବର୍ଷା ଅଭାବ ସହ ଠିକ ସମୟରେ ସାର ଅଭାବ ଯୋଗୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ଫଳ ସ୍ୱରୂପ ଏବେ ସେମାନଙ୍କ ଫସଲ ଅମଳ ପୂର୍ବରୁ ଅଗାଡ଼ିରେ ପରିଣତ ହୋଇଛି ବୋଲି ଚାଷୀ ସୁଧାନ୍ୟ ମାକାଲ,ନିର୍ମଳ ସମଜଦାର,ସିନୁ ସୋଡି, ରଞ୍ଜିତ ମଣ୍ଡଳ, ଅଭିମନ୍ୟୁ ମଣ୍ଡଳ, କ୍ରିଷ୍ଣା ବିଶ୍ୱାସ, ବିନୟ ହାଲ୍‌ଦାର,ସୁଫଲ ଚୌଧୁରୀ,ଚିରଞ୍ଜିତ୍ ମଜୁମଦାର,ନିତାଇ ମଣ୍ଡଳଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଏନେଇ ପିଇଓ କ୍ରିଷ୍ଣା ବିଶୋୟୀଙ୍କୁ ଜଣାଇବା ପରେ ସେ ଗ୍ରାମକୁ ଆସି ତଦାରଖ କରି ଫେରିଛନ୍ତି। ଏ ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

## ଏନ୍‌ଏସ୍‌ଏସ୍ ପକ୍ଷରୁ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ

ଜୟପୁର,୩୦।୧୦(ନି.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ରୋଟାରି କ୍ଲବ ଅଫ୍ ଜୟପୁର ପ୍ରାଇଡ ସହାୟତାରେ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଫୁଲବାଡ଼ ଗ୍ରାମରେ ଶନିବାର କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନଙ୍କ ସହ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ. ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୨୦ ଜଣ ସ୍ୱେଚ୍ଛାସେବୀ ସେବା, ସଚେତନତା କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରଥମେ ଗ୍ରାମ ସଫେଇ କରିବା ସହ ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ପରେ ଗ୍ରାମରେ ଥିବା ନିରକ୍ଷର ଓ ଅଧାରୁ ପାଠ ଛାଡ଼ିଥିବା ଏବଂ ଆଦୌ ବିଦ୍ୟାଳୟ ଯାଇ ନ ଥିବା ଲୋକ ଓ ପିଲାଙ୍କୁ ଚିହ୍ନଟ ପାଇଁ ସର୍ଭେ କରାଯାଇଥିଲା। ଅପରାହ୍ନରେ ଏକ ଆଲୋଚନାଚକ୍ର ହୋଇଥିଲା। ରୋଟାରିଆନ ପ୍ରକାଶ ନାୟକ, ଜିଭି ରାଓ, ରାମନାଥ ସାହୁ, ରାମହରି ପଣ୍ଡା,ନରେଶ ମହାକୁଳ,କାଲୁରାମ ପଣ୍ଡା,ନରେଶ ନାଥ ନାୟକ, ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଏନ୍. ଶ୍ରୀନିବାସ, ବିଶ୍ୱରଞ୍ଜନ ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଜନସେବାର ମହତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇ ସେମାନଙ୍କୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ରୋଟାରି କ୍ଲବ ଏହି ଗ୍ରାମକୁ ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ବାହାରେ ମଳତ୍ୟାଗମୁକ୍ତ ଗ୍ରାମ ଭାବେ ଗଢ଼ିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛି।

## ଥାନା ସମ୍ମୁଖରେ ଭାଜପାର ଆନ୍ଦୋଳନ

ପଟ୍ଟାଙ୍ଗୀ,୩୦।୧୦(ଡି.ଏନ୍.ଏ.)

**ମମିତା ମେହେର ହତ୍ୟା ମାମଲା**

ମମିତା ମେହେର ହତ୍ୟା ମାମଲାରେ ସମ୍ପୃକ୍ତି ଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବରେ ଶନିବାର ପଟ୍ଟାଙ୍ଗୀ ବ୍ଲକ ଭାଜପା ପକ୍ଷରୁ ଶନିବାର ସ୍ଥାନୀୟ ଥାନା ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ସମ୍ପାଦକ ବଳରାମ ବାରିକ, ବ୍ଲକ ପ୍ରଭାରୀ ଦେବେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ ଯୋଗଦେଇ ମମିତା ହତ୍ୟା ମାମଲାରେ ସମ୍ପୃକ୍ତି ଥିବା ମନ୍ତ୍ରୀ ମିଶ୍ରଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ତାଙ୍କୁ ତଦନ୍ତ ପରିସରଭୁକ୍ତ ନ କରିବା ଏବଂ ଘଟଣା ନେଇ ମୁଖ୍ୟମନ୍ତ୍ରୀ ନୀରବ ରହିବା ଏହା ପଛରେ ଥିବା ପ୍ରକୃତ ସତ୍ୟ ଲୁଚିଯାଉଛି ବୋଲି ପ୍ରକାଶ କରିଥିଲେ। ଏନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଅଭିଯୋଗ ପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ପରେ କର୍ମକର୍ତ୍ତାମାନେ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନକରି ଆନ୍ଦୋଳନ କରିଥିଲେ। ଲିଖିତ ଅଭିଯୋଗପତ୍ର ଏସ୍‌ଆଇ ଶକୁନ୍ତଳା ଦେବୀଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ପଛୁଆ ବର୍ଗ ଉପସଭାପତି ପ୍ରତାପ ଚୌଧୁରୀ, ଜିଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସେହିପରି ସୁଙ୍କି ମଣ୍ଡଳ ପକ୍ଷରୁ ଜିଲା କାର୍ଯ୍ୟକାରୀ ସଦସ୍ୟ ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ଫାଣ୍ଡି ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ସମ୍ପାଦକ ନାଗେସ ଟାମାଲ, ଜିତେନ୍ଦ୍ର ବେହେରା , ସନ୍ନୁ ଦଳପତି, ଜେଟି ସିନା ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଥାନା ଅଧିକାରୀଙ୍କୁ ଭାଜପା କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି ।

## କାମୁଡ଼ି ଜମିମାଲିକଙ୍କ ନାକ ଛିଣ୍ଡାଇଦେଲେ ଅଭିଯୁକ୍ତ

ଦଶମନ୍ତପୁର,୩୦।୧୦(ଡି.ଏନ୍.ଏ.)

**ଜମି ଦଖଲ କରିବାକୁ ଚକ୍ରାନ୍ତ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ଚଣ୍ଡିଜାନିଗୁଡ଼ା ଗ୍ରାମର ଜଣେ ଯୁବକ ଜମିଜମା ବିବାଦକୁ କେନ୍ଦ୍ରକରି ଜମିମାଲିକଙ୍କ ନାକକୁ କାମୁଡ଼ି ଛିଡ଼ାଇଦେବା ପରି ଘଟଣା ଘଟିଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଖବରରୁ ଜଣାପଡ଼ିଛି ଏହି ଗ୍ରାମର ଲଦା ଜାନିଙ୍କ ମୃତ୍ୟୁ ପରେ ତାଙ୍କ ନାଁରେ ଥିବା ଜମିର ଉତ୍ତରାଧିକାରୀ ଭାବେ ତାଙ୍କ ନାତି ମଙ୍ଗଳ ଜାନି ( ୫୦) ମଶାଣି ଜମିରେ ଚାଷକରି ଆସୁଥିଲେ। ସେଥିରୁ ଯାହା ଅମଳ ହେଉଥିଲା ମଙ୍ଗଳ ଓ ତାଙ୍କ ସ୍ତ୍ରୀ ଉତ୍ତମେ ଚଳୁଥିଲେ। କୌଣସି ସନ୍ତାନସନ୍ତତି ନ ଥିବା ମଙ୍ଗଳଙ୍କ ଜମି ଉପରେ ଗ୍ରାମର ଲଛମନ ଜାନି ନଜର ପକାଇଥିଲେ। ୫ବର୍ଷ ତଳେ ସେ ଏହି ଜମି ଅକ୍ତିଆର ଲାଗି ମଙ୍ଗଳଙ୍କ ଅଜାଣତରେ ଜମିକୁ ଚାଷ କରିଥିଲେ। ଏହି ଖବର ଶୁଣିବା ପରେ ମଙ୍ଗଳ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ସେହି ସମୟରେ ଉଭୟେ ପରସ୍ପର ମଧ୍ୟରେ ବୁଝାମଣା ହୋଇ ଗ୍ରାମକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଲଛମନ ଜମି ପାଇଁ ମଙ୍ଗଳଙ୍କ ସହ ଗଣ୍ଡଗୋଳ କରିବା ସହ ଗାଳିଗୁଲଜ କରି ଆସୁଥିଲେ। ଭୟଭୀତ ହୋଇ ମଙ୍ଗଳ ଚୁପ୍ ରହି ଯାଉଥିଲେ। ଶୁକ୍ରବାର ମଙ୍ଗଳ ସାପ୍ତାହିକ ହାଟ ସାରି ଗ୍ରାମକୁ ଫେରବା ଲାଗି ଗାଡ଼ିକୁ ଅପେକ୍ଷା କରିଥିବା ବେଳେ ହଠାତ୍ ଲଛମନ ପଛରୁ ଆସି ମଙ୍ଗଳଙ୍କୁ ଧକ୍କା ମାରିଥିଲେ। ସେ ତଳେ ପଡ଼ିଯିବାରୁ ଲଛମନ ମଙ୍ଗଳଙ୍କ ନାକ କାମୁଡ଼ି ଛିଣ୍ଡାଇଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମଙ୍ଗଳ ରକ୍ତାକ୍ତ ଅବସ୍ଥାରେ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ ବିଜୟରାଜ ମାଝି ଏଏସ୍‌ଆଇ ବାବୁଲା ପ୍ରଧାନ ମଙ୍ଗଳଙ୍କୁ ପ୍ରଥମେ ଦଶମନ୍ତପୁର ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ। ପରେ ଘଟଣାର ତଦନ୍ତ କରି ଅଭିଯୁକ୍ତ ଲଛମନଙ୍କୁ ଗ୍ରାମରୁ ଗିରଫ କରିଥିଲେ।



ମଙ୍ଗଳ ଜାନି



କୋରାପୁଟଠାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଞ୍ଚୟ ରଥକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସବୁଜ ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁଜିତ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ମାଧବ ପାଙ୍ଗି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ମହାବିଦ୍ୟାଳୟ ପକ୍ଷରୁ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ

କାଳିମେଳା,୩୦।୧୦(ଡି.ଏନ.ଏ.)

ଭାରତ ସରକାରଙ୍କର ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ମାଲକାନଗିରି ଜିଲା କାଳିମେଳାସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଶନିବାର କ୍ଲିନ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅଧକ୍ଷ ପ୍ରଶାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରକୁ ସଫା କରିଥିଲେ । ଅନାବନା ଘାସ ସହ ପ୍ଲାଷ୍ଟିକ ଓ ଆବର୍ଜନାଗୁଡିକ ସଂଗ୍ରହ କରିଥିଲେ। ପରେ ସେମାନେ ପୋଷ୍ୟଗ୍ରାମ୍ୟ ଭାବେ ଗ୍ରହଣ କରିଥିବା ବୁଡୁଗୁଡା ଗ୍ରାମକୁ ଯାଇ ସେଠାରେ ମଧ ଗ୍ରାମ ରାସ୍ତାଘାଟ ସଫେଇ କରି ସ୍ୱଚ୍ଛତା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ.ପଦ୍ମଲୋଚନ ରାଉତ ଏହାକୁ ପରିଚାଳନା କରିଥିଲେ। ଅଧାପକ ଶୁଶାନ୍ତ ବାରିକ, ପ୍ରସନଜିତ ସ୍ୱର୍ଣ୍ଣକାର,ଖଗେଶ୍ୱର ବେହେରା, ସେକ ଅଲ୍ଲି, କାମା କବାସୀ,ନରେନ୍ଦ୍ର ହରିଜନ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରେଡ୍-ପେରୁ ବଞ୍ଚିତ ଶିକ୍ଷକ ଧାରଣାରେ ବସିଲେ

ମାଲକାନଗିରି/ମାଥିଲି, ୩୦।୧୦(ଡି.ଏନ.ଏ.)

**ଜିଲା ଶିକ୍ଷା ଅଧିକାରୀଙ୍କ ଅବହେଳା**

ଗ୍ରେଡ ପେରୁ ବଞ୍ଚିତ ପ୍ରାଥମିକ ଶିକ୍ଷକମାନେ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ମାଲକାନଗିରି ଜିଲାରେ କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ୍ଷକମାନେ ସରକାରଙ୍କ ନିୟମ ଅନୁଯାୟୀ ୨୮୦୦ ଟଙ୍କା ଗ୍ରେଡପେ ପାଇବା କଥା। ମାତ୍ର ଜିଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଜେନାଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ଏହି ଶିକ୍ଷକମାନେ ଗ୍ରେଡପେ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପୂର୍ବରୁ ଜିଲାପାଳ ବିଶାଳ ସିଂଙ୍କୁ ପ୍ରାଥମିକ ଶିକ୍ଷକ ସଂଘ ପୂର୍ବରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମଧ ପ୍ରାଥମିକ ଶିକ୍ଷକମାନଙ୍କୁ ଗ୍ରେଡ ପେ ଦେବାକୁ ଜିଲା ଶିକ୍ଷା ଅଧିକାରୀ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସେ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବାରୁ ଶିକ୍ଷକମାନେ ଧାରଣା ଦେଇଛନ୍ତି। ଶେଷରେ ଜିଲା ଶିକ୍ଷା ଅଧିକାରୀ ଜେନା ଶିକ୍ଷକମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଶିକ୍ଷକମାନେ ଧାରଣାରୁ ଓହରିଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଜେନାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ୨୮୦୦ ଟଙ୍କା ଗ୍ରେଡ ପେ ପାଇନାହାନ୍ତି ସେମାନଙ୍କ ତାଲିକା ବ୍ଲକ ଶିକ୍ଷା ଅଧିକାରୀମାନେ ମୋ ନିକଟକୁ ପଠାଇଲେ ତୁରନ୍ତ ଗ୍ରେଡପେ ମଞ୍ଜୁର କରାଯିବ।





ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ସ୍ୱଳ୍ପ ସଞ୍ଚୟ ଆର୍ଥିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରେ

ମାଲକାନଗିରି,୩୦।୧୦(ଡି.ଏନ.ଏ.)

**ବିଶ୍ୱ ମିତବ୍ୟୟିତା ଦିବସ**

ମାଲାକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶନିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚେତନତା ରଥକୁ ଅତଚିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସ୍ୱଳ୍ପ ସଞ୍ଚୟ ଜରୁରୀ ଅଟେ। ସ୍ୱଳ୍ପ ସଞ୍ଚୟ ବ୍ୟକ୍ତିର ଆର୍ଥିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ କରେ। ତାର ଜରୁରୀ ଆବଶ୍ୟକତାକୁ ପୂରଣ କରିଥାଏ। ବର୍ତ୍ତମାନ ସମୟରେ ପ୍ରତ୍ୟେକ ବ୍ୟକ୍ତି ଅନାବଶ୍ୟକ ଅର୍ଥ ବ୍ୟୟରୁ ନିବୃତ୍ତ ରହି ନିଜ କ୍ଷମତା ଅନୁଯାୟୀ ସଞ୍ଚୟ କରିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ କହିଥିଲେ। ଉଦ୍‌ଘାଟିତ ହୋଇଥିବା ସଚେତନତା ରଥ ଜିଲାର ପ୍ରତି ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇବ। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

# ଦାବିପୂରଣ ନ ହେଲେ ଭାରତ ବନ୍ଦ ଚେତାବନୀ

ନବରଙ୍ଗପୁର,୩୦।୧୦(ବି.ପ୍ର.)

ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ନବରଙ୍ଗପୁର ଶାଖା ପକ୍ଷରୁ ସାତ ଦଫା ଦାବିରେ ଜିଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଘଣ୍ଟା ଧାରଣା ଦିଆଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶୁକ୍ରବାର ନବରଙ୍ଗପୁର ଜିଲା ଓବିସି ସଭାପତି କାର୍ତ୍ତିକ ବାଗଙ୍କ ନେତୃତ୍ୱରେ କୋଭିଡ୍ କଟକଣା ମାନି ୫୦ଜଣ ନେତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଥା ଓ କାମରେ ପୁରା ବିପରୀତ ବୋଲି ଆନ୍ଦୋଳନମାରୀମାନେ କହିଥିଲେ। ଅପରାହ୍ନ ୩ଟାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ୭ଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରରାଯାଇଛି। ଜାତି ଭିତ୍ତିକ ଜନଗଣନା କରିବା, ନୂତନ କୃଷି ଆଇନ ପ୍ରତ୍ୟାହାର, ଇଭିଏମ୍ ହଟାଇବା, ଘରୋଇ କ୍ଷେତ୍ରରେ ଓବିସିଙ୍କୁ ଆରକ୍ଷଣ, ନୂତନ ପେନସନ ବ୍ୟବସ୍ଥାକୁ ବନ୍ଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ନାରୀ ନିର୍ଯ୍ୟାତନା ବନ୍ଦ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଓଡ଼ିଶାରେ ଚାକିରୀ, ଶିକ୍ଷା ଏବଂ ରାଜନୀତି କ୍ଷେତ୍ରରେ ଓବିସିମାନଙ୍କୁ ୨୭ପ୍ରତିଶତ ଆରକ୍ଷଣ ଦେବାକୁ ଦାବି ହୋଇଛି। ଦାବି ପୂରଣ ଦିଗରେ ସରକାର ତତ୍ପରତା ନ ଦେଖାଇଲେ ଡିସେମ୍ବର ୧୦ରେ ଭାରତ ବନ୍ଦ ଓ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।





ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚାର ଦାବିପତ୍ର**

### ମମିତା ହତ୍ୟା ଘଟଣା ଟାଉନ,ସଦର ଥାନାରେ ଦାବିପତ୍ର ଦେଲା ଭାଜପା

କୋରାପୁଟ,୩୦।୧୦(ସ୍ୱ.ପ୍ର.)

ମମିତା ହତ୍ୟା ଘଟଣାରେ ଭାଜପା ପକ୍ଷରୁ ଶନିବାର କୋରାପୁଟ ଟାଉନ ଥାନା ଓ ସଦର ଥାନାରେ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ଉପରୋକ୍ତ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ କରିବାଲାଗି ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।ଏହି ସମୟରେ ଜିଲା ଭାଜପାର କୋଷାଧ୍ୟକ୍ଷ ତ୍ରିନାଥ ପଣ୍ଡା,ଜିଲା ଏସସି ମୋର୍ଚ୍ଚା ସଭାପତି ଭାଗୀରଥି ପାଟନିଆ, କୋରାପୁଟ ମଣ୍ଡଳ ସଭାପତି ବିଜୟ ଦଳେଇ, ମହାଦେଇପୁଟ ମଣ୍ଡଳ ସଭାପତି ମାଧବ ମାଲି, ପ୍ରଭାରୀ ମହିପାଳ ସିଂ, ଜିଲା ସମ୍ପାଦିକା ବି.ଶ୍ରୀଦେବୀ, ସିଦ୍ଧାର୍ଥ ମୁଦୁଲି, ଏସ. ପଟ୍ଟନାୟକ, ଡି.ରାମ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କୋରୁକୋଣ୍ଡା,୩୦।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହରେ ଶନିବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ଅଂଶୁମାନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସୁଶାନ୍ତ ବିଶାଳ ଯୋଗଦେଇ ମାଲକାନଗିରି ଜିଲାକୁ ଦୁର୍ନୀତିମୁକ୍ତ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ



ଅତିଥି ରୂପେ ପଞ୍ଚାଯତ ସମିତି ଉପାଧକ୍ଷ ଇର୍ମା ପଡିଆମି,ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, ମାଲକାନଗିରି ବିଧାୟକ ପ୍ରତିନିଧି ଏସ୍. ମହେଶର ରାଓ, କୁଡୁମୁଲୁଗୁମ୍ମା ବିଇଓ ଗାୟତ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଠିକା କାମକୁ ନେଇ ଖବରଦାତା- ନାଏବ ସରପଞ୍ଚ ମୁହାଁମୁହିଁ

ମାଲକାନଗିରି,୩୦।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକର ଗୌଡଗୁଡା ପଞ୍ଚାୟତର ନାଏବ ସରପଞ୍ଚ ନିରଞ୍ଜନ ହାଲଦାର ଓ ଖବରଦାତା ଅସୀମ ବିଶ୍ୱାସ ମୁହାଁମୁହିଁ ହୋଇଛନ୍ତି। ସରପଞ୍ଚଙ୍କ ବିରୋଧରେ ବିଶ୍ୱାସ ଏକ ଖବର ଛାପିଥିବାରୁ ତାଙ୍କୁ ଆକ୍ରମଣ କରିବାକୁ ସରପଞ୍ଚ ଯୋଜନା କରୁଥିବା ବିଶ୍ୱାସ ଅଭିଯୋଗ କରିଛନ୍ତି। ଏହାକୁ ଖଣ୍ଡନ କରି ସରପଞ୍ଚ ହାଲଦାର କହିଛନ୍ତି ଯେ, ବିଶ୍ୱାସ ମୋ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ ୫ ଲକ୍ଷର ଠିକା କାମ ପାଇଁ ବ୍ଲକ ଅଧ୍ୟକ୍ଷଙ୍କୁ ୨୦ ହଜାର ଟଙ୍କା ଦେଇଛନ୍ତି। ନିଜେ ନିମ୍ନମାନର କାମ କରି ଯନ୍ତ୍ରୀ,ଅଧିକାରୀଙ୍କୁ ବିଲ ପାସ କରିବାକୁ ବାଧ କରୁଥିବା ନାଏବ ସରପଞ୍ଚ ହାଲଦାର ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପକ୍ଷରେ ଗୌଡଗୁଡା ପଞ୍ଚାୟତରେ ଏହ କାମକୁ ନେଇ କେତେକ ନିର୍ବାଚିତ ଜନ ପ୍ରତିନିଧି, ବିଡିଓ ଓ ବିଭାଗୀୟ ଯନ୍ତ୍ରୀ ନାଏବ ସରପଞ୍ଚଙ୍କୁ କାମଟି ଦେବାପାଇଁ ସୁପାରିଶ କରିଥିଲେ। ଅନ୍ୟ କେତେକ ଜନପ୍ରତିନିଧି ମଧ କାମଟିକୁ ବିଶ୍ୱାସଙ୍କୁ ଦେବାକୁ ସୁପାରିଶ କରିଥିଲେ। ଏହାକୁ ନେଇ ନାଏବ ସରପଞ୍ଚ ଓ ବିଶ୍ୱାସଙ୍କ ମଧ୍ୟରେ ତିକ୍ତତା ବଢିଥିଲା। ତେବେ ତାଙ୍କ ମତାମତ ନ ନେଇ ତାଙ୍କ ନାମରେ ଭୁଲ ଖବର ଛାପିଥିବା ନେଇ ନାଏବ ସରପଞ୍ଚ ହାଲଦାର ମାଲକାନଗିରିଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଶ୍ୱାସଙ୍କୁ ପଚାରିବାରୁ ସେ କହିଲେ ଯେ, ମୁଁ ଜଣେ ଖବରଦାତା ହେଲେ ମଧ ମୋ ପରିବାର ପ୍ରତିପୋଷଣ ପାଇଁ ମୁଁ ଠିକାଦାର ରୂପେ କାର୍ଯ୍ୟ କରୁଛି।

### ଇଣ୍ଟରନ୍ୟାଶନାଲ ହ୍ୟୁମାନରାଇଟ୍ସ ଜିଲା ଶାଖାର ବୈଠକ

ସେମିଳିଗୁଡ଼ା,୩୦।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ଶିବମନ୍ଦିରଠାରେ ଇଣ୍ଟରନ୍ୟାଶନାଲ ହ୍ୟୁମାନରାଇଟ୍ସ କମ୍ୟୁନିଟି ଅଫ୍ ଇଣ୍ଡିଆର କୋରାପୁଟ ଜିଲା ଶାଖା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ସଭାପତି ପ୍ରଦୀପ ପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଦସ୍ୟ ଡାକ୍ତର ରାଜେନ୍ଦ୍ର ପାତ୍ର, ମନୋଜ ପାତ୍ରଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ସଭ୍ୟମାନେ ଉପସ୍ଥିତ ଥିଲେ। ଡିସେମ୍ବର ୧୦ରେ ହ୍ୟୁମ୍ୟାନ ରାଇଟ୍ସ ଡେ କୋରାପୁଟଠାରେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ଶାଖା ଉପସଭାପତି ଗଣେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଆନନ୍ଦ ମୌଳି ପଟ୍ଟନାୟକ, କୋଷାଧ୍ୟକ୍ଷ ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**୧ରୁ ଗୁଣପୁର-ପୁରୀ ଟ୍ରେନ୍ ପାଇଁ ଅଫ୍‌ଲାଇନ୍ ଟିକେଟ**

ଗୁଣପୁର,(ଡି.ଏନ୍.ଏ)- ନଭେମ୍ବର ୧ରୁ ପୁରୀ-ଗୁଣପୁର-ପୁରୀ ଟ୍ରେନ ପାଇଁ ଯାତ୍ରୀଙ୍କୁ ଅଫ୍‌ଲାଇନ୍ ଟିକେଟ ମିଳିବ। ଏହାକୁ ନେଇ ଗୁଣପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କରୋନା ପରଠାରୁ ଏହି ଟ୍ରେନ୍‌ରେ ଅନ୍‌ଲାଇନ ଟିକେଟ ବ୍ୟବସ୍ଥା ରହିଥିଲା। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଲାଗି ରହିଥିଲା। ଏବେ ଏହି ଟ୍ରେନ୍‌ରେ ଅଫ୍‌ଲାଇନ ଟିକେଟ ବ୍ୟବସ୍ଥା ନେଇ ଶୁକ୍ରବାର ପୂର୍ବତଟ ରେଳପଥ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି ଟ୍ରେନ୍‌ରେ ଅନେକ ଯାତ୍ରୀ ଯାତାୟତ କରୁଥିବାବେଳେ ଅନ୍‌ଲାଇନ୍ ଟିକେଟ ବ୍ୟବସ୍ଥା ଯୋଗୁ ହଇରାଣ ହେଉଥିଲେ। ଅଧିକ ଖର୍ଚ୍ଚାନ୍ତ ହେବା ସହ ଗ୍ରାମାଞ୍ଚଳର ଲୋକେ ଅନ୍‌ଲାଇନ୍ ଟିକେଟ କରିପାରୁ ନ ଥିଲେ। ତେଣୁ ଅଫ୍‌ଲାଇନ୍ ଟିକେଟ ବ୍ୟବସ୍ଥା କରିବା ନିମନ୍ତେ ଦାବି ହେଉଥିଲା।



## ସଂକ୍ଷେପରେ

### ୨ ଦୋକାନରୁ ଲକ୍ଷାଧିକ ଟଙ୍କାର ଚୋରି

ଡାବୁଗାଁ, ୩୦।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ବଜାର ଉପରେ ଥିବା ୨ଟି ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଡାବୁଗାଁ ଥାନାରେ ଶନିବାର ଅଭିଯୋଗ ହୋଇଛି । ଡାବୁଗାଁ ପୋଲିସ କେସ୍ ନଂ. ୧୭୩/୨୧ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ମହମ୍ମଦ ୟାସିନ ନିଜ ଲୁଗାଦୋକାନ ଓ ରାଜୁ ପାତ୍ର ଗ୍ରସେରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଉଭୟେ ଦୋକାନ ଖୋଲିବା ପରେ ଟିଣ କଟାଯାଇ ଚୋରି ହୋଇଥିବା ଦେଖିଥିଲେ। ଚୋର ଲୁଗାଦୋକାନରୁ ୨ଲକ୍ଷ ୮୦ ହଜାର ନଗଦ ଟଙ୍କା ଏବଂ ଗ୍ରସେରି ଦୋକାନରୁ ପ୍ରାୟ ୧୦ ହଜାର ଟଙ୍କା ଚୋରି କରିଥିବା ଦୋକାନୀମାନେ କହିଛନ୍ତି। ଏନେଇ ସେମାନେ ଡାବୁଗାଁ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସୁରେନ୍ଦ୍ର କୁମାର ବେହୁରିଆ, ସବ୍‌ଇନ୍‌ସ୍ପେକ୍ଟର ଚନ୍ଦ୍ର ଭାନୁ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ, ୮ ଆହତ

ପାପଡ଼ାହାଣ୍ଡି/ନବରଙ୍ଗପୁର,୩୦।୧୦(ଡି.ଏନ୍.ଏ./ବି.ପ୍ର.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ବାବାଜୀଗୁଡ଼ା ନିକଟରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡର ଆଶିଷ କୁମାର ଭାରତୀ। ଆହତମାନଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆଶିଷଙ୍କ ସମେତ ୧୦ଜଣ ହାଇଦ୍ରାବାଦରୁ ଏକ ସ୍କର୍ପିଓ(ଜେଏଚ୍-୧୩ସି-୩୦୯୯)ରେ ଝାଡ଼ଖଣ୍ଡ ଫେରୁଥିଲେ। ଏହି ସମୟରେ ଶନିବାର ଭୋରରୁ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ରାସ୍ତାକଡ଼ରେ ଥିବା ଏକ ଆକାଶିଆ ଗଛରେ ସେ ଗାଡ଼ି ପିଟିଦେଇଥିଲେ। ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଆଶିଷଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ୩ ଜଣଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ମଇଦଲପୁର ପୋଲିସ କେସ୍ ନଂ. ୧୬୬/୨୧ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଗଞ୍ଜେଇ ବଦଳରେ ପରିବାଚାଷ କର

#### ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଚନ୍ଦ୍ରପୁର,୩୦।୧୦(ଡି.ଏନ୍.ଏ.)- ଗଞ୍ଜେଇ ବଦଳରେ ପରିବା ଚାଷ କରି ଲାଭବାନ୍ ହେବା ସହ ଏକ ଉତ୍ତମ ସମାଜ ଗଠନରେ ସହାୟକ ହେବାକୁ ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବୁଡ଼ିକାଲି ପଞ୍ଚାୟତ ସଦରଠାରେ ଶୁକ୍ରବାର ରାୟଗଡ଼ା ପୋଲିସ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲା ପୋଲିସ ବିଭାଗର ଅତିରିକ୍ତ ଏସ୍‌ପି ଅନନ୍ତ ନାରାୟଣ ମହାନ୍ତି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁ, ଚନ୍ଦ୍ରପୁର ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ଚରଣ ମୁଠୀ, ବୁଡ଼ିକାଲି ପଞ୍ଚାୟତର କୃଷି ଅଧିଦର୍ଶକ ଉଦୟ ନିମାଲପୁରୀ, ଚନ୍ଦ୍ରପୁର ବ୍ଲକ ଅଧକ୍ଷ ସଙ୍ଗୀତା ପ୍ରତିଙ୍ଗା, ସରପଞ୍ଚ ପାର୍ବତୀ ଗଗେରଙ୍ଗା ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳବାସୀଙ୍କୁ ଗଞ୍ଜେଇ ଚାଷ ପରିବର୍ତ୍ତେ ବିଭିନ୍ନ କିସମର ପରିବା ଚାଷ କରିବା ପାଇଁ ଉତ୍ସାହିତ କରିଥିଲେ। ଗଞ୍ଜେଇ ଚାଷକରି ଧରାପଡ଼ିଲେ କି ପ୍ରକାର ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ସେ ନେଇ ମଧ ମୁଖ୍ୟ ଅତିଥି ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ପକ୍ଷରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ମୁନିଗୁଡ଼ା ଥାନାଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ରେଳଧାରଣା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ବିଷମକଟକ,୩୦।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ବୃନ୍ଦାବାଡ଼ି ଗ୍ରାମ ନିକଟ ରେଳଧାରଣା ପାର୍ଶ୍ୱରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ କଲ୍ୟାଣସିଂହପୁର ବ୍ଲକ ପଲମା ପଞ୍ଚାୟତ ଅନ୍ତର୍ଗତ କାରୁକଣା ଗ୍ରାମର ହରିବନ୍ଧୁ ହିକକା (୫୦)। ହରିବନ୍ଧୁ ବିଷମକଟକ ବ୍ଲକର ଚାଟିକଣା ସାପ୍ତାହିକ ହାଟକୁ ଆସି ଘରକୁ ଫେରିବା ସମୟରେ କୌଣସି କାରଣରୁ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରାୟଗଡ଼ା ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଏ ନେଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

# ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ

**ନବରଙ୍ଗପୁର (ବି.ପ୍ର.)/ରାୟଗଡ଼ା ଅଫିସ, ୩୦।୧୦**



ନବରଙ୍ଗପୁରରେ ଜିଲାପାଳ ସଞ୍ଚୟ ରଥର ଶୁଭ ଉଦ୍‌ଘାଟନ କରୁଛନ୍ତି।



ରାୟଗଡ଼ାରେ ଅତିରିକ୍ତ ଜିଲାପାଳ ସଞ୍ଚୟ ରଥର ଶୁଭ ଉଦ୍‌ଘାଟନ କରୁଛନ୍ତି।

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି। 'ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ' ସମ୍ପର୍କରେ ଜିଲାରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଜିଲାପାଳ ଅଜିତ୍ କୁମାର ମିଶ୍ର ଏକ ସଞ୍ଚୟ ରଥର ଶୁଭାରମ୍ଭ କରିଛନ୍ତି। ଯେକୌଣସି ସନ୍ଦିଗ୍ଧ, ଅଣବ୍ୟାଙ୍କିଙ୍ଗ୍, ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାରୁ ଦୂରେଇ ରହି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଡାକଘରେ ସଞ୍ଚୟ କରନ୍ତୁ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ।

ଏହି ସଞ୍ଚୟ ରଥ ଜିଲାର ସମସ୍ତ ବ୍ଲକ ପରିକ୍ରମା କରି ବ୍ୟାପକ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ଅନାମିକା ପାଣ୍ଡେ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ସହାୟକ ଜିଲାପାଳ ବାବୁଲାଲ ସାମଲ, ପୁଷ୍ପାଞ୍ଜଳି ଦଣ୍ଡପାଟ, କମଲେଶ ମହନ୍ତ, ଡିଆଇପିଆର୍‌ଓ ହଳଧର ନିହାଲ, ଜିଲା କ୍ରୀଡ଼ା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପାତ୍ର, ସେକ୍ସନ ଅଫିସର ପି.ହରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ ଶନିବାର ଏକ ସଞ୍ଚୟ ରଥ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର କୋଲନରା, ଗୁଣପୁର, ଗୁଡାରି ଓ ରାମନାଗୁଡ଼ା ବ୍ଲକ ଗସ୍ତ କରି ଅର୍ଥ ସଞ୍ଚୟ କରିବା ପାଇଁ ଲୋକଙ୍କୁ ସଚେତନ କରିବ। ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁବନ୍ଧିତ ସଂସ୍ଥାରେ ହିଁ ସଞ୍ଚୟ କରିବା ପାଇଁ ଲୋକଙ୍କୁ ସଚେତନ କରିବ। ଅଧିକ ସୁଧ ଲୋଭରେ ନ ପଡ଼ି ସରକାରୀ ବ୍ୟାଙ୍କ, ପୋଷ୍ଟ ଅଫିସରେ ସଞ୍ଚୟ କରିବା ପାଇଁ ଲୋକଙ୍କୁ ସଚେତନ କରାଯିବ। ରଥ ଉଦ୍‌ଘାଟନ ବେଳେ ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ, ଡିଏସ୍ଏସ୍‌ଓ ଶେଖ୍ ଆଲିମୁର, ସଞ୍ଚୟ ସଂସ୍ଥାର ଅଧିକାରୀ ଧ୍ରୁବ କୁମାରଙ୍କ ସମେତ ଡିଆଇପିଆର୍‌ଓ ବସନ୍ତ ପ୍ରଧାନ ଉପସ୍ଥିତ ଥିଲେ।

## ନିର୍ମଳଙ୍କୁ ସହାୟତା ଦେଲେ ବିଧାୟକ, ଗ୍ରାମବାସୀ 'ଧରିତ୍ରୀ ପ୍ରଭାବ'

**ଉମରକୋଟ, ୩୦।୧୦(ସ୍ୱ.ପ୍ର.)**

ଫଙ୍ଗଲ୍ସ ମେନଞ୍ଜାଇଟିସ୍‌ରେ ପୀଡିତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଥିବା ଉମରକୋଟ ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୪ର ନିର୍ମଳ ସରକାରଙ୍କୁ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସହାୟତା ଦେଇଛନ୍ତି। ରେଡ୍‌କ୍ରସ୍ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯେପରି ନିର୍ମଳଙ୍କ ଚିକିତ୍ସା ପାଇଁ ସହାୟତା ମିଳିପାରିବ ସେ ସୁବିଧା କରାଇବି ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ ମଧ ୧ଲକ୍ଷ ୪୦ ହଜାର ଟଙ୍କା



ନିର୍ମଳଙ୍କ ପାଇଁ ପଠାଇଥିବା ଜଣାପଡିଛି। ସୂଚନାନୁଯାୟୀ, ବୃଦ୍ଧ ମା' ବାପାଙ୍କ ଏକ ମାତ୍ର ପୁଅ ନିର୍ମଳଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ 'ଧରିତ୍ରୀ'ରେ ଗତ ୨୫ରେ ଖବର ପ୍ରକାଶ ପାଇଥିଲା। ଉମରକୋଟ ନଗର ଭାଜପା ଯୁବ ମୋର୍ଚ୍ଚା ସମ୍ପାଦକ ସୁଦେବ ନନ୍ଦୀ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ଜଣାଇଥିଲେ। ଖବର ପାଇ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ନିର୍ମଳଙ୍କ ଘରକୁ ଯାଇ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହ ଭାଜପା ନଗର ସଭାପତି ସୁରେଶ ଆଚାର୍ଯ୍ୟ, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସତ୍ୟ ବେହେରା, ନଗର ମହିଳା ମୋର୍ଚ୍ଚା ସଭାପତି ମନ୍ଦୀରା ନାୟକ ଓ ମୀଲୁ ପଣ୍ଡା ଉପସ୍ଥିତ ଥିଲେ। ବିଧାୟକଙ୍କ ଏହି ପଦକ୍ଷେପ ଓ ସାହଯ୍ୟ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ନୂତନ ଆଶର କିରଣ ସୃଷ୍ଟି କରିଛି। ଜିଲା ପ୍ରଶାସନ ନିର୍ମଳଙ୍କୁ ସାହଯ୍ୟ ପାଇ ଆଗେଇ ଆସିଲେ ଭଲ ହୁଅନ୍ତା ବୋଲି ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ପଞ୍ଜୀକରଣ ନମ୍ବର ଥାଇ ଜୋର କରି ଫାଇନ କାଟିଲେ ଏଆରଟିଓ

**ଉମରକୋଟ,୩୦।୧୦(ସ୍ୱ.ପ୍ର.)**

ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ) ଡାକ୍ତରଖାନା ଯାଉଥିବା ଜଣେ ଗାଡିମାଲିକଙ୍କୁ ଅଟକାଇ ଜବରଦସ୍ତ ଫାଇନ ଆଦାୟ କରିଥିବା ଅଭିଯୋଗ ହୋଇଛି। ଏପରିକି ରେଜିଷ୍ଟ୍ରେସନ ନମ୍ବର ଥାଇ ମଧ ସେ ଜୋରକରି ଫାଇନ କଟିଛନ୍ତି। ଏପରି ଅଭିଯୋଗ ଆଣିଛନ୍ତି ଗାଡି ମାଲିକ ଅନିମେଶ ମଣ୍ଡଳ।

ଉମରକୋଟ ବ୍ଲକ ଶଙ୍କରଡା ଗ୍ରାମର ଅନିମେଶ ଛତିଶଗଡ ଜଗଦଲପୁରରୁ ଏକ ନୂଆ କାର୍ କିଣିଛନ୍ତି। ଏହାର ରେଜିଷ୍ଟ୍ରେସନ ନମ୍ବର ସିଜି୧୭ କେଭି୮୮୮୨ ରହିଛି। ଗାଡି ପଞ୍ଜୀକରଣର ତଥ୍ୟ ଅନିମେଶଙ୍କ ମୋବାଇଲରେ ମ୍ୟାସେଜ ମାଧ୍ୟମରେ ଆସିଛି। ଶନିବାର ଅପରାହ୍ନ ସାଢେ ୪ଟାରେ ଅନିମେଶ କାରରେ ନିଜ ବନ୍ଧୁ କାଞ୍ଚିଲାଲ ଲାହାଙ୍କ ସ୍ତ୍ରୀ ବାସନ୍ତୀ ଲାହାଙ୍କୁ ଧୋଡ୍ରା ଡାକ୍ତରଖାନାକୁ ନେଉଥିବା ସମୟରେ ସାନଭରଣ୍ଡି ନିକଟରେ ଆରଟିଓ ତାଙ୍କ ଗାଡିକୁ ଅଟକାଇ ଥିଲେ। ଗାଡିର ପଞ୍ଜୀକରଣ ନମ୍ବର ମାଗିଥିଲେ। ଅନିମେଶ ମଧ ରେଜିଷ୍ଟ୍ରେସନ ନମ୍ବର ଦେଖାଇଥିଲେ। ଏହାସତ୍ତ୍ୱେ ଆରଟିଓ କାରକୁ ଅଧଘଣ୍ଟା ଅଟକାଇ ରଖି ୫ ହଜାର ଟଙ୍କା ଫାଇନ କାଟିଥିଲେ। ଅନିମେଶ ଏହାର ବିରୋଧ କରିବାରୁ ଅଧିକ କିଛି କହିଲେ ଗାଡି ସିଜ୍ କରିଦେବି ବୋଲି ଏଆରଟିଓ ବିଭୁ ରଞ୍ଜନ ନାୟକ କହିଥିଲେ। ଶେଷରେ ବାଧ ହୋଇ ଅନିମେଶ ୫ହଜାର ଟଙ୍କା ଫାଇନ ବାନ୍ଧିଥିଲେ। ରୋଗୀ ନେଇ ଡାକ୍ତରଖାନା ଯାଉଥିବା ଅନିମେଶଙ୍କ ଗାଡିକୁ ଅଟକାଇ ଫାଇନ କାଟିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟଙ୍କା ପାଇଁ ଅଧିକାରୀମାନେ ସବୁ ମାନବିକତା ଭୁଲିଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି।ଏ ସମ୍ପର୍କରେ ବିଭୁ ରଞ୍ଜନ ନାୟକଙ୍କୁ ତାଙ୍କ ଫୋନ ନମ୍ବର ୮୭୬୩୭ ୩୯୪୪୨ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇନଥିଲେ। ଏ ସମ୍ପର୍କରେ ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା କୋରାପୁଟ ଆରଟିଓ ପ୍ରସନ୍ନ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ଗାଡି ବିନା ନମ୍ବରରେ ଥିବାରୁ ଫାଇନ କଟାଯାଇଛି। ନିୟମ ଅନୁଯାୟୀ ଗାଡିମାଲିକ ଫାଇନ ଦେବାକୁ ବାଧ ବୋଲି ସେ କହିଥିଲେ।

## ୨ ବାଇକ୍ ଲୁଟେରାଙ୍କ ସମେତ ୬ ଗିରଫ



ପୋଲିସ ଅଧିକାରୀ ଅଭିଯୁକ୍ତମାନଙ୍କ ବିଷୟରେ ସୂଚନା ଦେଉଛନ୍ତି।

**ଗୁଣପୁର,୩୦।୧୦(ଡି.ଏନ୍.ଏ.)–**

**୨୨ ବାଇକ୍, ୩ ସାଇକେଲ ଜବତ**

ରାୟଗଡ଼ା ଜିଲା ଗୁଣପୁର ଥାନା ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଉଥିବାବେଳେ ଏହାର ପର୍ଦ୍ଦାଫାସ କରିଛି ପୋଲିସ। ୨ ମୁଖ୍ୟ ଲୁଟେରାଙ୍କ ସମେତ ୬ଜଣଙ୍କୁ ପୋଲିସ ଗିରଫ କରିବା ସହ ୨୨ ବାଇକ୍ ଏବଂ ୩ ସାଇକେଲ ଜବତ କରିଛି। ଗିରଫମାନେ ହେଲେ ମୁଖ୍ୟ ଅଭିଯୁକ୍ତ ତଥା ଗୁଣପୁରର ନିଖିଲ ଶବର, ଉକୁମ୍ବା ଗ୍ରାମର ସାଇକ୍ରିଷ୍ଟା ଏବଂ ଚୋରି ବାଇକ୍ କିଣିଥିବା ଗୁଣପୁର, ଗଜପତି ଜିଲାର ପାରଳାଖେମୁଣ୍ଡି ଏବଂ କାଶୀନଗର ଅଞ୍ଚଳର ଅନ୍ୟ ୪ ଜଣ। ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଆୟୋଜିତ ଖବରଦାତା ସମ୍ମିଳନିରେ ଗୁଣପୁର ଥାନାଧିକାରୀ ଯଶୱନ୍ତ ହିଆଲ ସୂଚନା ଦେଇଛନ୍ତି। ବାରମ୍ବାର ବାଇକ୍ ଚୋରି ମାମଲା ରୁଜୁ ହେବାପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା ବୋଲି ସେ କହିଛନ୍ତି।

## ଗୁଣପୁରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ଗୁଣପୁର,୩୦।୧୦(ଡି.ଏନ୍.ଏ.)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରାୟଗଡ଼ା ଜିଲା ପୁରୁଣା ଗୁଣପୁରଠାରେ ଶନିବାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସରକା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ଗୁଣପୁର ଉପଜିଲାପାଳ ସୋନାଲ ଜେନା, ପୌରପରିଷଦ ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଉପସ୍ଥିତ ଥିଲେ। ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ବର୍ହିବିଭାଗ, ଡ୍ରେସିଂ ରୁମ୍, ଔଷଧ ବିତରଣ କେନ୍ଦ୍ର, ପରୀକ୍ଷାଗାର ଓ ନିରୀକ୍ଷଣ ଗୃହ ରହିଛି। ଏଠାରେ ଜଣେ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତ କରାଯାଇଛି। ଗୁଣପୁର ସହରରେ ଦ୍ୱିତୀୟ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ସହରବାସୀ କୃତଜ୍ଞତା ଜଣାଇଛନ୍ତି। ଏହି ଚିକିତ୍ସାଳୟ ଦ୍ୱାରା ମୁଖ୍ୟ ଚିକିତ୍ସାଳୟରେ ୫୦ ପ୍ରତିଶତ ରୋଗୀ କମିଯିବେ। ଫଳରେ ରୋଗୀ ସୁବିଧାରେ ସେବା ପାଇପାରିବେ ବୋଲି ଏଠାରେ ମନ୍ତ୍ରୀ କହିଛନ୍ତି। ତେବେ ଗୁଣପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା ଏବଂ କର୍ମଚାରୀ ଅଭାବକୁ ନେଇ ଅସନ୍ତୋଷ ଲାଗିରହିଛି। ଅନ୍ୟପକ୍ଷରେ ଉଦ୍‌ଘାଟନି କାର୍ଯ୍ୟକ୍ରମକୁ କୋରାପୁଟ ଏମ୍‌ପି କିମ୍ବା ତାଙ୍କ ଗୁଣପୁର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ଏମ୍‌ପିଙ୍କ ପ୍ରତିନିଧି ବିଜୟ ଗମାଙ୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଦୁର୍ନୀତି ମୂଳୋତ୍ପାଟନ ପାଇଁ ଶପଥ

**ନବରଙ୍ଗପୁର,୩୦।୧୦(ବି.ପ୍ର.)**

ନବରଙ୍ଗପୁରରେ ଜିଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଅଜିତ କୁମାର ମିଶ୍ର ଓ ଜିଲା ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି କଳାବତୀ ବାଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଓ ଜିଲା ଦୁର୍ନୀତି ନିବାରଣ ବିଭାଗ କର୍ମକର୍ତ୍ତାମାନେ ଦୁର୍ନୀତି ବିରୋଧରେ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରା ଜରିଆରେ ସଚେତନତା ସୃଷ୍ଟି କରିଥିଲେ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଏକ ଶପଥ ପାଠ କାର୍ଯ୍ୟକ୍ରମ ମଣ୍ଡେଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ, ଜି. ସୂର୍ଯ୍ୟ ପ୍ରକାଶ, ନେହେରୁ ଯୁବକେନ୍ଦ୍ର ଯୁବ ଅଧିକାରୀ ଭି.ରମେଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗ ଦେଇଥିଲେ।

## ଝରିଗାଁ: କନ୍ଧ(କୁଇ) ସମାଜର ବୈଠକ

**ଝରିଗାଁ, ୩୦।୧୦(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାରେ କନ୍ଧ(କୁଇ) ସମାଜ ଜିଲା ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ ଜରୁରୀ ବୈଠକ ବ୍ଲକ ସଭାପତି ମୁରଲୀଧର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଝିଅପୁଅମାନେ କିପରି ଗୁଣାତ୍ମକ ଶିକ୍ଷା ପାଇପାରିବେ ସେ ନେଇ ଆଲୋଚନା କରାଯାଇଛି। ବିଜେଡିରୁ ବିତାଡିତ ହୋଇଥିବା କାଜମ୍ ମଦାନୀ ନିଜକୁ କନ୍ଧ(କୁଇ) ସମାଜର ଉପଦେଷ୍ଟା ବୋଲାଉଛନ୍ତି। ଏହାକୁ ସମାଜ ପକ୍ଷରୁ ବିରୋଧ କରାଯାଇଛି। ଏହି ଅବସରରେ ବ୍ଲକ ଉପସଭାପତି ପଦମନ ସାନ୍ତା, ସମ୍ପାଦକ ରାମ ସାନ୍ତା, କୁରୁଚିଛାପର ସରପଞ୍ଚ ବଳନାଥ ସାନ୍ତା, ବିଡିଓ ସାନ୍ତା, ଅର୍ଜୁନ ସାନ୍ତା, ନକୁଳ ଚନ୍ଦ୍ର ସାନ୍ତା, ଶୁକ୍ରୁ ସାନ୍ତା, କମଲଲୋଚନ ସନ୍ତାଙ୍କ ସହ ସମାଜର ଶତାଧିକ ଲୋକେ ଉପସ୍ଥିତ ଥିଲେ।

## ବିଡିଓଙ୍କୁ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର

**କୋଷାଗୁମୁଡ଼ା, ୩୦।୧୦(ଡି.ଏନ୍.ଏ. )**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶନିବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଏବଂ ବିଇଓଙ୍କୁ ଦିଆଯାଇଛି। ୨୦୧୬ରୁ ଆଜି ପର୍ଯ୍ୟନ୍ତ ଶିକ୍ଷକମାନେ ସେମାନଙ୍କ ସମସ୍ୟା ଉପସ୍ଥାପନା କରୁଥିଲେ ସୁଦ୍ଧା ଏହାର ସମାଧାନ ହେଉନାହିଁ। ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳିନାହିଁ। ଖୁବ୍ ଶୀଘ୍ର ଦରମା ବୃଦ୍ଧି କରା ନ ଗଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ରାୟଗଡ଼ା ଅଫିସ,୩୦।୧୦**

**ସିଡିଏମ୍‌ଓଙ୍କୁ ଭେଟିଲେ ରୋଗୀଙ୍କ ବାପା**

ରାୟଗଡ଼ା ଜିଲା ସୀମାନ୍ତ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀ ଚିକିତ୍ସା ସୁବିଧା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଝିଅକୁ ଚିକିତ୍ସା ପାଇଁ ନେଇ ନିରାଶ ହୋଇ ଫେରିଥିବା ଶେଷଖାଲ ଥାନା ଅଞ୍ଚଳର ଦୁର୍ଜନ ଗାଣ୍ଟା ଶୁକ୍ରବାର ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତକରି ଡାକ୍ତରଖାନାରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା ନିମନ୍ତେ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଦୁର୍ଜନ ଗତ ୨୭ ତାରିଖରେ ତାଙ୍କ ଝିଅର ଚିକିତ୍ସା ନିମନ୍ତେ ଜେମାଦେଇପେଣ୍ଠ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନାରେ କେହି ଡାକ୍ତର ନ ଥିବାରୁ ଝିଅକୁ ଅନ୍ୟତ୍ର ଚିକିତ୍ସା ପାଇଁ ନେବାକୁ ପଡ଼ିଥିଲା। ଓଡ଼ିଶା–ଆନ୍ଧ୍ର ସୀମାନ୍ତବାସୀଙ୍କ ପାଇଁ ଏହା ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଫଳରେ ଲୋକେ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ ଓ ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ୮ ଡାକ୍ତର ରହିବା ଆବଶ୍ୟକ। ଏଠାରେ ୨ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲିଛି। ଏହି ଡାକ୍ତରଖାନା ଉପରେ ୨୫ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଜାଙ୍ଗିଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମାଲିଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୁମ୍ଭିକୋଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କେରେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ ଜରୁରିକାଳୀନ ପରିସ୍ଥିତିରେ ରୋଗୀ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଠିକଣା ସମୟରେ ସ୍ୱାସ୍ଥ୍ୟସେବା ମିଳୁନାହିଁ। ବିଶେଷକରି ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୁର୍ଜନ ଅଭିଯୋଗ କରିଛନ୍ତି। ଶୀଘ୍ର ଏ ନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏକ ଟିମ୍ ଗଠନ କରାଯାଇ ଚିକିତ୍ସାରେ ଅବହେଳାକୁ ନେଇ ହେଉଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି।


**GRAM PANCHAYAT LEVEL FEDERATION, BHAMINI**

**ADVERTISEMENT**

Applications are invited from eligible candidates for the post of 01 No. of Programme Manager-cum-Mis Assistant, in Bhamini GPLF At/P.O.- Bhamini, Block- Umerkote, Nabarangpur. The detail advertisement along with terms and conditions may be downloaded from the website: www.nabarangpur.nic.in from date 30.10.21 to 12.11.21.

The last date and time of receipt of applications 12.11.21 upto 5 P.M. through Regd. Post / Speed Post / Courier only.

The COE staff recruitment notification previously published as per letter No. 2 dtd. 25.02.2020 has been cancelled due to the new clarification regarding it as per letter No.745/2021.

Sd./- President



**OFFICE OF THE REGULATED MARKET COMMITTEE, BALASORE**

At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605

Quotation No. 550 Date: 29.10.2021

**QUOTATION CALL NOTICE**

Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.

Sd./- Sub-Collector, Balasore-cum-Chairman, RMC, Balasore & Jaleswar



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ।

**ଯୋଗାଯୋଗ କରିବାର ଠିକଣା:**

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫–୨୭୦୫୭୦ କିମ୍ବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ୍) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪।

| ଦିଆଯାଇ ଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା

